ଗୁଜରାଟ ରାଜ୍ୟ

*ବନାମ*

ନର୍ଗିସ କେ. ପାଣ୍ଡାକି

2 ନଭେମ୍ବର, 1995

[ କେ, ରାମାସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଗୁଜରାଟ କୃଷି ଜମି ସର୍ବୋଚ୍ଚ ସୀମା ଅଧିନିୟମ, 1960:*

*ଧାରା 8(1) - ସର୍ବାଧିକ ସୀମା କ୍ଷେତ୍ର ଏବଂ ବଳକା କ୍ଷେତ୍ର ନିର୍ଦ୍ଧାରଣ - ମା'ଙ୍କ ସପକ୍ଷରେ ସ୍ୱତ୍ୱ ହସ୍ତାନ୍ତର ପାଇଁ ରାଜିନାମା - ଯେହେତୁ ଏପରି ରାଜିନାମା ପଞ୍ଜିକରଣ ଅଧିନିୟମର ଧାରା 17 ଅନୁଯାୟୀ ଏକ ବାଧ୍ୟତାମୂଳକ ପଞ୍ଜିକରଣ ଯୋଗ୍ୟ ଦସ୍ତାବିଜ ଅଟେ, ଏହାର ପଞ୍ଜୀକରଣ ନକରିବା ଦ୍ୱାରା, ମାଲିକଙ୍କୁ ଅଧିକାର ଏବଂ ସ୍ୱତ୍ୱରୁ ପ୍ରତ୍ୟାହୃତ ହେଲେ ନାହିଁ - ସର୍ବୋଚ୍ଚ ସୀମା କ୍ଷେତ୍ର ଗଣନା କରିବା ପାଇଁ ସର୍ବୋଚ୍ଚ ସୀମା କର୍ତ୍ତୃପକ୍ଷଙ୍କୁ ପ୍ରେରିତ ପ୍ରସଙ୍ଗ - ପଞ୍ଜୀକରଣ ଅଧିନିୟମ, ଧାରା 17 ।*

ଗୁଜରାଟ କୃଷି ଜମି ସର୍ବୋଚ୍ଚ ସୀମା ଅଧିନିୟମ, 1960 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିବାବେଳେ, ଉତ୍ତରଦାତାମାନେ ଦାବି କରିଥିଲେ ଯେ ଏକ ରାଜିନାମା ଅନୁଯାୟୀ, ଉତ୍ତରଦାତାର ମାଆଙ୍କ ସପକ୍ଷରେ 30 ଏକର ଜମି ହସ୍ତାନ୍ତର କରାଯାଇଥିଲା ଯାହା ହସ୍ତାନ୍ତରଣ ପ୍ରକ୍ରିୟା ଦ୍ୱାରା ବିଧିବଦ୍ଧ ଭାବରେ ସ୍ୱୀକୃତିପ୍ରାପ୍ତ ହୋଇଥିଲା । ଉତ୍ତରଦାତାଙ୍କ ଆବେଦନକୁ କର୍ତ୍ତୃପକ୍ଷ ଏବଂ ଉଚ୍ଚ ନ୍ୟାୟାଳୟ ଗ୍ରହଣ କରିଥିଲେ । ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଅପିଲ କରାଯାଇଛି ।

ଅପିଲକୁ ଅନୁମତି ପ୍ରଦାନ କରି, ଏହି ଅଦାଲତ

ନିର୍ଣ୍ଣୟ କରିଥିଲେ 1. ପଞ୍ଜୀକରଣ ଅଧିନିୟମର ଧାରା 17ର କାର୍ଯ୍ୟକାରିତା ଦ୍ୱାରା, ମାଲିକାନା ହସ୍ତାନ୍ତର କରୁଥିବା ରାଜିନାମା ହେଉଛି ଏକ ବାଧ୍ୟତାମୂଳକ ପଞ୍ଜିକରଣ ଯୋଗ୍ୟ ଦସ୍ତାବିଜ । ଯେହେତୁ ଏହା ପଞ୍ଜୀକୃତ ହୋଇନାହିଁ, ମାଲିକଙ୍କୁ ଜମିର ଅଧିକାର, ମାଲିକାନା ଏବଂ ସ୍ୱାର୍ଥରୁ ପ୍ରତ୍ୟାହୃତ ହୋଇନାହାନ୍ତି ଏବଂ ଏହିପରି ଅଧିନିୟମ ଅନୁଯାୟୀ ଜମିର ମାଲିକାନା ବଜାୟ ରଖିଛନ୍ତି । [736-B]

**2. ଏହି ଆଦେଶରେ ଯାହା ନିର୍ଣ୍ଣୟ କରାଯାଇଥିଲା ତାହାକୁ ଧ୍ୟାନରେ ରଖି ସର୍ବୋଚ୍ଚ କ୍ଷେତ୍ର ସୀମା ଗଣନା କରିବା ପାଇଁ ମାମଲାଟି ସର୍ବୋଚ୍ଚ ସୀମା କର୍ତ୍ତୃପକ୍ଷଙ୍କୁ ପ୍ରେରଣ କରାଯାଇଛି । ଆଇନ ଅନୁଯାୟୀ କର୍ତ୍ତୃପକ୍ଷ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । [736-C]**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 10481/1995 ।

S.C.A. ସଂଖ୍ୟା 2482/1983ରେ ଗୁଜରାଟ ଉଚ୍ଚ ନ୍ୟାୟାଳୟର 14.7.83 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ଦୁଷ୍ୟନ୍ତ ଦାଭେ ଏବଂ ସୁଶ୍ରୀ ଏଚ୍. ୱାହି ।

ଉତ୍ତରଦାତାଙ୍କ ପକ୍ଷରୁ ଆର୍. ପି. ଭଟ୍ଟ, ସୁଶ୍ରୀ ନୀଲମ କଲସୀ ଏବଂ ବିମଲ ଦାଭେ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା ।

ସୀମା କ୍ଷେତ୍ର ଏବଂ ବଳକା କ୍ଷେତ୍ର ନିର୍ଦ୍ଧାରଣ କରିବା ପାଇଁ ଗୁଜରାଟ କୃଷି ଜମି ସୀମା ଅଧିନିୟମ, 1960 (ସଂକ୍ଷେପରେ, "ଅଧିନିୟମ") ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା । ଉତ୍ତରଦାତା ଦାବି କରିଥିଲେ ଯେ 14 ଅକ୍ଟୋବର, 1969 ତାରିଖରେ ହୋଇଥିବା ଏକ ଚୁକ୍ତିନାମା ଅନୁଯାୟୀ, ତିରିଶ ଏକର ଜମି ଉତ୍ତରଦାତାଙ୍କ ମାଆଙ୍କ ସପକ୍ଷରେ ହସ୍ତାନ୍ତର କରାଯାଇଥିଲା ଯାହା 15.9.1971 ତାରିଖର ହସ୍ତାନ୍ତରଣ ପ୍ରକ୍ରିୟା ଦ୍ୱାରା ବିଧିବଦ୍ଧ ଭାବରେ ସ୍ୱୀକୃତିପ୍ରାପ୍ତ ହୋଇଥିଲା । ପ୍ରଶ୍ନ ହେଉଛି ଏହା ଆଇନର ବ୍ୟବସ୍ଥାଗୁଡ଼ିକୁ ବିଫଳ କରିବ କି । ଅଧିନିୟମର ଧାରା 8 ର ଉପଧାରା (1) କୁହେ:

> "8. 15 ଜାନୁଆରୀ 1959 ତାରିଖ ପରେ କିନ୍ତୁ ଏହି ଅଧିନିୟମ ଆରମ୍ଭ ହେବା ପୂର୍ବରୁ କରାଯାଇଥିବା ହସ୍ତାନ୍ତରଣ କିମ୍ବା ବିଭାଜନ । (1) ଯେଉଁଠାରେ 15 ଜାନୁଆରୀ, 1959 ତାରିଖ ପରେ, କିନ୍ତୁ ଏହି ଅଧିନିୟମ ଆରମ୍ଭ ହେବା ପୂର୍ବରୁ କିମ୍ବା 24 ଜାନୁଆରୀ, 1971 ତାରିଖ ପରେ, କିନ୍ତୁ ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ, କୌଣସି ବ୍ୟକ୍ତି ବିକ୍ରୟ, ଦାନ, ବନ୍ଧକ, ଦଖଲ, ବଦଳ ଦଖଲ ମିଆଦି ଅନୁମତି ପତ୍ର, ସମର୍ପଣ କିମ୍ବା ଅନ୍ୟଥା ହସ୍ତାନ୍ତର କରିଛନ୍ତି କିମ୍ବା ତାଙ୍କ ଦ୍ୱାରା ଧାରଣ କରାଯାଇଥିବା କୌଣସି ଜମିକୁ ବିଭାଜନ କରିଛନ୍ତି, ତେବେ ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନରେ କିଛି ଥିବା ସତ୍ତ୍ୱେ, ଏପରି ହସ୍ତାନ୍ତର କିମ୍ବା ବିଭାଜନ,

ଯଦି ଏହା ବିପରୀତ ପ୍ରମାଣିତ ନ ହୁଏ, ଏହି ଅଧିନିୟମର ଉଦ୍ଦେଶ୍ୟକୁ ବିଫଳ କରିବା ପାଇଁ ଆଶା କରାଯାଇଥିବ ବୋଲି ବିବେଚନା କରାଯିବ ।ଯେଉଁଠାରେ ଏପରି ହସ୍ତାନ୍ତର କିମ୍ବା ବିଭାଜନ 15 ଜାନୁଆରୀ, 1959 ତାରିଖ ପରେ କିନ୍ତୁ ଏହି ଅଧିନିୟମ ଆରମ୍ଭ ହେବା ପୂର୍ବରୁ କିମ୍ବା 1972ର ସଂଶୋଧନ ଅଧିନିୟମର ଉଦ୍ଦେଶ୍ୟକୁ ବିଫଳ କରିବା ଉଦ୍ଦେଶ୍ୟରେ କରାଯାଇଥିଲା, ଯେଉଁଠାରେ ଏପରି ହସ୍ତାନ୍ତର 24 ଜାନୁଆରୀ, 1971 ତାରିଖ ପରେ କିନ୍ତୁ ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ କରାଯାଇଥିଲା ।"

ଏହାର ଏକ ପଠନ ସ୍ପଷ୍ଟ ଭାବରେ ସୂଚିତ କରିବ ଯେ ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନରେ କିଛି ଥିବା ସତ୍ତ୍ୱେ, ଏପରି ହସ୍ତାନ୍ତର କିମ୍ବା ବିଭାଜନ, ଯଦି ଏହା ବିପରୀତ ପ୍ରମାଣିତ ନ ହୁଏ, ଅଧିନିୟମର ଉଦ୍ଦେଶ୍ୟକୁ ବିଫଳ କରିବା ପାଇଁ ଆଶା କରାଯାଇଥିବ ବୋଲି ବିବେଚନା କରାଯିବ । ପ୍ରଶ୍ନ ହେଉଛି ଏହି ରାଜିନାମା ଏକ ହସ୍ତାନ୍ତର କି । ଉତ୍ତରଦାତାଙ୍କ ପକ୍ଷରୁ ଉପସ୍ଥିତ ବିଦ୍ୱାନ ବରିଷ୍ଠ ଅଧିବକ୍ତା, ଶ୍ରୀ ଆର. ପି. ଭଟ୍ଟ, ଆମକୁ ଏକ ରାଜିନାମା ବିଷୟରେ ଅବଗତ କରାଇଛନ୍ତି ଯେଉଁଥିରେ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଯାଇଥିଲା ଯେ ଏହି ଦସ୍ତାବିଜ ଅଧୀନରେ ପ୍ରଥମ ଥର ପାଇଁ ଜମିର ଅଧିକାର, ମାଲିକାନା ଏବଂ ସ୍ୱାର୍ଥ ଉତ୍ତରଦାତାଙ୍କ ସପକ୍ଷରେ ପ୍ରଦାନ କରାଯାଇଥିଲା । ଏହା ଦ୍ୱାରା, ଜମିର ମାଲିକଙ୍କ ଦ୍ୱାରା ଧାରଣ କରାଯାଇଥିବା ସଠିକ୍ ମାଲିକାନା ଏବଂ ସ୍ୱାର୍ଥକୁ ସମାପ୍ତି କରିବାକୁ ଚେଷ୍ଟା କରାଯାଇଛି । ପ୍ରତିବଦଳରେ ଦସ୍ତାବିଜ ଅଧୀନରେ ଏହା ପ୍ରଥମ ଥର ପାଇଁ ଉତ୍ତରଦାତାଙ୍କ ସପକ୍ଷରେ ପ୍ରଦାନ କରିବାକୁ ଚେଷ୍ଟା କରାଯାଇଛି । ପଞ୍ଜୀକରଣ ଅଧିନିୟମର ଧାରା 17ର କାର୍ଯ୍ୟକାରିତା ଦ୍ୱାରା, ଏହା ଏକ ବାଧ୍ୟତାମୂଳକ ପଞ୍ଜିକରଣ ଯୋଗ୍ୟ ଦସ୍ତାବିଜ ଅଟେ । ଯେହେତୁ ଏହା ପଞ୍ଜୀକୃତ ହୋଇନାହିଁ, ମାଲିକଙ୍କୁ ଜମିର ଅଧିକାର, ମାଲିକାନା ଏବଂ ସ୍ୱାର୍ଥରୁ ପ୍ରତ୍ୟାହୃତ ହୋଇନାହାନ୍ତି ଏବଂ ଏହିପରି ଅଧିନିୟମ ଅନୁଯାୟୀ ଜମିର ମାଲିକାନା ବଜାୟ ରଖିଛନ୍ତି ।

କର୍ତ୍ତୃପକ୍ଷ ଏବଂ ଉଚ୍ଚ ନ୍ୟାୟାଳୟ ଏହି ପ୍ରଶ୍ନକୁ ଉପଯୁକ୍ତ ଭାବରେ ବିଚାର କରିନାହାଁନ୍ତି । ସେହି ଅନୁଯାୟୀ ଅପିଲକୁ ଅନୁମତି ପ୍ରଦାନ କରାଯାଇଛି ଏବଂ ଏହି ଆଦେଶରେ ଯାହା ନିର୍ଣ୍ଣୟ କରାଯାଇଥିଲା ତାହାକୁ ଧ୍ୟାନରେ ରଖି ସର୍ବୋଚ୍ଚ କ୍ଷେତ୍ର ସୀମା ଗଣନା କରିବା ପାଇଁ ମାମଲାଟି ସର୍ବୋଚ୍ଚ ସୀମା କର୍ତ୍ତୃପକ୍ଷଙ୍କୁ ପ୍ରେରଣ କରାଯାଇଛି । ଆଇନ ଅନୁଯାୟୀ କର୍ତ୍ତୃପକ୍ଷ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍. ଅପିଲକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ